# କଟକ ମହାନଗର ନିଗମ ସ୍ୱତନ୍ତ୍ର ବୈଠକ ବିବରଣୀ

**ତା. ୧୫.୧୨.୨୦୧୭ ରିଖ , ସମୟ : ପୂର୍ବାହ୍ନ - ୧୧.୦୦ ଘଟିକା,**

**ସ୍ଥାନ : ବିଶ୍ୱନାଥ ପଣ୍ଡିତ ସମ୍ମିଳନୀ କକ୍ଷ**

ଅଦ୍ୟ ତା ୧୫.୧୨.୨୦୧୭ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ କଟକ ମହାନଗର ନିଗମର ସ୍ୱତନ୍ତ୍ର ଅଧିବେଶନ ନିଗମ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନ୍ୟବର ମେୟର ଶ୍ରୀଯୁକ୍ତା ମୀନାକ୍ଷୀ ବେହେରା ସଭାପତିତ୍ୱ କରିଥିଲେ ।

## ଉପସ୍ଥିତ ସଭ୍ୟ / ସଭ୍ୟା

**ସର୍ବଶ୍ରୀ**

| | | |
|---|---|---|
| ୧. | ଶ୍ରୀଯୁକ୍ତ ଅଜୟ କୁମାର ବାରିକ, | ଡେପୁଟି ମେୟର, ୱାର୍ଡ଼ ନଂ-୩୬ |
| ୨. | ଶ୍ରୀଯୁକ୍ତ ଚିତ ରଞ୍ଜନ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୦୧ |
| ୩. | ସୁଶ୍ରୀ ଇତିଶ୍ରୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୦୨ |
| ୪. | ସୁଶ୍ରୀ ସେବତୀ ମାଝି | କର୍ପୋରେଟର, ୱାର୍ଡ଼ ନଂ. – ୦୩ |
| ୫. | ଶ୍ରୀଯୁକ୍ତା ଗିରିବାଳା ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୪ |
| ୬. | ଶ୍ରୀଯୁକ୍ତା ସୁପ୍ରିୟା ରାଉତ | କର୍ପୋରେଟର, ୱାର୍ଡ଼ ନଂ. – ୦୫ |
| ୭. | ଶ୍ରୀଯୁକ୍ତା ସଞ୍ଜୁକ୍ତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୦୬ |
| ୮. | ସୁଶ୍ରୀ ରଞ୍ଜିତା ବିଶ୍ୱାଳ | କର୍ପୋରେଟର, ୱାର୍ଡ଼ ନଂ. – ୦୭ |
| ୯. | ଶ୍ରୀଯୁକ୍ତା ନମିତା ବାରିକ, | କର୍ପୋରେଟର, ୱାର୍ଡ଼ ନଂ. – ୦୮ |
| ୧୦. | ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୯ |
| ୧୧. | ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ସାଇଁ | କର୍ପୋରେଟର, ୱାର୍ଡ଼ ନଂ. – ୧୦ |
| ୧୨. | ଶ୍ରୀଯୁକ୍ତ ବିଜୟ ଦଳେଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୧ |
| ୧୩. | ଶ୍ରୀଯୁକ୍ତ ଶିବ ପ୍ରସାଦ ଦଳାଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୨ |
| ୧୪. | ଶ୍ରୀଯୁକ୍ତା ପଦ୍ମା ଭୂୟାଁ | କର୍ପୋରେଟର, ୱାର୍ଡ଼ ନଂ. – ୧୩ |
| ୧୫. | ଶ୍ରୀଯୁକ୍ତା ଅଞ୍ଜୁଶ୍ରୀ ଜେନା | କର୍ପୋରେଟର, ୱାର୍ଡ଼ ନଂ. – ୧୪ |
| ୧୬. | ଶ୍ରୀଯୁକ୍ତା ଉଷାରାଣୀ ସାହୁ, | କର୍ପୋରେଟର, ୱାର୍ଡ଼ ନଂ. – ୧୫ |
| ୧୭. | ଶ୍ରୀଯୁକ୍ତ ରମଜାନ ଖାନ | କର୍ପୋରେଟର, ୱାର୍ଡ଼ ନଂ. – ୧୬ |
| ୧୮. | ଶ୍ରୀଯୁକ୍ତା ଏ. ଶ୍ରୀଦେବୀ | କର୍ପୋରେଟର, ୱାର୍ଡ଼ ନଂ. – ୧୭ |
| ୧୯. | ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୧୮ |
| ୨୦. | ସୁଶ୍ରୀ ଚାରୁଲତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୧୯ |
| ୨୧. | ଶ୍ରୀଯୁକ୍ତ ଅଜୟ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୨୦ |
| ୨୨. | ସୁଶ୍ରୀ ଗୌରୀ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୨୧ |

୨୩. ଶ୍ରୀଯୁକ୍ତା ଅନିତା ନାୟକ କର୍ପୋରେଟର, ୱାର୍ଡ଼ ନଂ. – ୨୨

୨୪. ଶ୍ରୀଯୁକ୍ତ ସେକ୍ ସମିମ୍ ଉଲ୍ଲା କର୍ପୋରେଟର, ୱାର୍ଡ଼ ନଂ. – ୨୩

୨୫. ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ୱାଳ କର୍ପୋରେଟର, ୱାର୍ଡ଼ ନଂ. – ୨୪

୨୬. ଶ୍ରୀଯୁକ୍ତ ପାରୁଲ ଜୟସ୍ୱାଲ କର୍ପୋରେଟର, ୱାର୍ଡ଼ ନଂ. – ୨୫

୨୭. ଶ୍ରୀଯୁକ୍ତା କାଂଚନ ଦାସ କର୍ପୋରେଟର, ୱାର୍ଡ଼ ନଂ. – ୨୬

୨୮. ଶ୍ରୀଯୁକ୍ତା ଇତିଶ୍ରୀ ଦାସ, କର୍ପୋରେଟର, ୱାର୍ଡ଼ ନଂ. – ୨୭

୨୯. ଶ୍ରୀଯୁକ୍ତା ବୈଶାଳୀ ବେହେରା କର୍ପୋରେଟର, ୱାର୍ଡ଼ ନଂ. – ୨୮

୩୦. ଶ୍ରୀଯୁକ୍ତା ମଞ୍ଜୁଲତା ପୃଷ୍ଟି, କର୍ପୋରେଟର, ୱାର୍ଡ଼ ନଂ. –୨୯

୩୧. ସୁଶ୍ରୀ ନମିତା ଦାସ, କର୍ପୋରେଟର, ୱାର୍ଡ଼ ନଂ. – ୩୦

୩୨. ଶ୍ରୀଯୁକ୍ତ ବିଜୟ କୁମାର ସାହୁ କର୍ପୋରେଟର, ୱାର୍ଡ଼ ନଂ. – ୩୧

୩୩. ଶ୍ରୀଯୁକ୍ତା ତଅପୋଇ ଦେଇ @ ସେଠୀ କର୍ପୋରେଟର, ୱାର୍ଡ଼ ନଂ. – ୩୨

୩୪. ଶ୍ରୀଯୁକ୍ତ ମନୋଜ କୁମାର ସେଠୀ, କର୍ପୋରେଟର, ୱାର୍ଡ଼ ନଂ. – ୩୩

୩୫. ଶ୍ରୀଯୁକ୍ତା ନମିତା ମଂଜରୀ ସାହୁ କର୍ପୋରେଟର, ୱାର୍ଡ଼ ନଂ. – ୩୪

୩୬. ଶ୍ରୀଯୁକ୍ତା ଦିପାଳୀବାଳା ଭୂୟାଁ କର୍ପୋରେଟର, ୱାର୍ଡ଼ ନଂ. – ୩୫

୩୭. ଶ୍ରୀଯୁକ୍ତ ଧର୍ମାନନ୍ଦ ପାତ୍ର କର୍ପୋରେଟର, ୱାର୍ଡ଼ ନଂ. – ୩୬

୩୮. ଶ୍ରୀଯୁକ୍ତ ଅନିଲ ନିଳାଦ୍ରୀ , କର୍ପୋରେଟର, ୱାର୍ଡ଼ ନଂ. – ୩୮

୩୯. ଶ୍ରୀଯୁକ୍ତା ସୁଲୋଚନା ସେଠୀ କର୍ପୋରେଟର, ୱାର୍ଡ଼ ନଂ. – ୩୯

୪୦. ଶ୍ରୀଯୁକ୍ତ ଜୟଦେବ ଜେନା, କର୍ପୋରେଟର, ୱାର୍ଡ଼ ନଂ. – ୪୦

୪୧. ଶ୍ରୀଯୁକ୍ତ ହେମନ୍ତ କୁମାର ବେହେରା, କର୍ପୋରେଟର, ୱାର୍ଡ଼ ନଂ. – ୪୧

୪୨. ଶ୍ରୀଯୁକ୍ତ ଚିରଂଜୟ ସାହୁ କର୍ପୋରେଟର, ୱାର୍ଡ଼ ନଂ. – ୪୨

୪୩. ସୁଶ୍ରୀ ପ୍ରମିଳା ମହାନ୍ତି କର୍ପୋରେଟର, ୱାର୍ଡ଼ ନଂ. – ୪୩

୪୪. ଶ୍ରୀଯୁକ୍ତା ଚିତ୍ରା ଖୁଣ୍ଟିଆ କର୍ପୋରେଟର, ୱାର୍ଡ଼ ନଂ. – ୪୪

୪୫. ଶ୍ରୀଯୁକ୍ତା ପ୍ରଳୟା ବେଉରା, କର୍ପୋରେଟର, ୱାର୍ଡ଼ ନଂ. – ୪୬

୪୬. ଶ୍ରୀଯୁକ୍ତା କବିତା ଖଣ୍ଡାୟୀ, କର୍ପୋରେଟର, ୱାର୍ଡ଼ ନଂ. – ୪୭

୪୭. ଶ୍ରୀଯୁକ୍ତ ନିରୋଦ ଚନ୍ଦ୍ର ପଣ୍ଡା, କର୍ପୋରେଟର, ୱାର୍ଡ଼ ନଂ. – ୪୮

୪୮. ଶ୍ରୀଯୁକ୍ତ ଦୟାନିଧି ନାୟକ, କର୍ପୋରେଟର, ୱାର୍ଡ଼ ନଂ. – ୪୯

୪୯. ଶ୍ରୀଯୁକ୍ତା ଦିପ୍ତି ପ୍ରଜ୍ଞା ମହାନ୍ତି, କର୍ପୋରେଟର, ୱାର୍ଡ଼ ନଂ. – ୫୦

୫୦. ଶ୍ରୀମତୀ ମମତା ବେହେରା କର୍ପୋରେଟର, ୱାର୍ଡ଼ ନଂ. – ୫୧

୫୧. ଶ୍ରୀଯୁକ୍ତ ହୃଷିକେଷ ପ୍ରଧାନ, କର୍ପୋରେଟର, ୱାର୍ଡ଼ ନଂ. – ୫୨

୫୨. ଶ୍ରୀଯୁକ୍ତ ପ୍ରଦୀପ କୁମାର ସାମନ୍ତରାୟ କର୍ପୋରେଟର, ୱାର୍ଡ଼ ନଂ. – ୫୩

୫୩. ଶ୍ରୀଯୁକ୍ତା ସୁରେଖା ସାମନ୍ତରାୟ କର୍ପୋରେଟର, ୱାର୍ଡ଼ ନଂ. – ୫୪

୫୪. ଶ୍ରୀଯୁକ୍ତ ବୈଦେଶ୍ୱର ପଣ୍ଡା କର୍ପୋରେଟର, ୱାର୍ଡ଼ ନଂ. – ୫୫

୫୫. ଶ୍ରୀଯୁକ୍ତ ସଂଜୟ କୁମାର ବରାଳ, କର୍ପୋରେଟର, ୱାର୍ଡ଼ ନଂ. – ୫୬

୫୬. ଶ୍ରୀଯୁକ୍ତ ଲଳିତ ଶେଖର ନାୟକ, କର୍ପୋରେଟର, ୱାର୍ଡ଼ ନଂ. – ୫୭
୫୭. ଶ୍ରୀଯୁକ୍ତା ରାଜକୁମାରୀ ସାଇଁ, କର୍ପୋରେଟର, ୱାର୍ଡ଼ ନଂ. – ୫୮
୫୮. ଶ୍ରୀଯୁକ୍ତ ପ୍ରମୋଦ କୁମାର ମହାପାତ୍ର କର୍ପୋରେଟର, ୱାର୍ଡ଼ ନଂ. – ୫୯

## ଉପସ୍ଥିତ ପଦାଧିକାରୀ

୧. ଶ୍ରୀଯୁକ୍ତ ବିକାଶ ଚନ୍ଦ୍ର ମହାପାତ୍ର ଆୟୁକ୍ତ
୨. ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ସାଏ ଅତିରିକ୍ତ ଆୟୁକ୍ତ-୧
୩. ଶ୍ରୀଯୁକ୍ତ ସୁମନ ବେହେରା ଅତିରିକ୍ତ ଆୟୁକ୍ତ-୨
୪. ଶ୍ରୀଯୁକ୍ତ ରାଧାକୃଷ୍ଣ ରାଉତ ଉପ ଆୟୁକ୍ତ-୧
୫. ଶ୍ରୀଯୁକ୍ତ ମନୋଜ କୁମାର ବେହେରା ଉପ ଆୟୁକ୍ତ-୩
୬. ଶ୍ରୀଯୁକ୍ତ ଉମାକାନ୍ତ ଗଡ଼ନାୟକ ନଗର ଯନ୍ତ୍ରୀ
୭. ଡ଼ଃ ଶରତ ଚନ୍ଦ୍ର ଦାସ ନଗର ସ୍ୱାସ୍ଥ୍ୟ ଅଧିକାରୀ
୮. ଶ୍ରୀଯୁକ୍ତ ମନୀସ ସରକାର ନିର୍ବାହୀ ଯନ୍ତ୍ରୀ -୧
୯. ଶ୍ରୀଯୁକ୍ତ ଦିବ୍ୟ ରଞ୍ଜନ ତ୍ରିପାଠୀ ଉପ ନିର୍ବାହୀ ଯନ୍ତ୍ରୀ

ଏହି ବୈଠକରେ ଚୌଦ୍ୱାର କଟକ ବିଧାନ ସଭା ସଦସ୍ୟଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଚୌଧୁରୀ ସୁବ୍ରତ ଘଡ଼ାଇ ଉପସ୍ଥିତ ଥିଲେ ।

ଅଧିବେଶନ ପ୍ରାରମ୍ଭରେ ସଭାଗୃହର ମାଇକ ନବାଜିବା ଏବଂ ମାନ୍ୟବର ମେୟରଙ୍କ ଚେୟାର ଭାଙ୍ଗିଯାଇଥିବାରୁ ଗୃହରେ କର୍ପୋରେଟରମାନଙ୍କ ଉଦ୍‌ବେଗକୁ ହୃଦଙ୍ଗମ କରି କାଉନସିଲ ହଲର ଦାୟୀତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୁଦ୍ଧରେ ମାନ୍ୟବର ମେୟର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆୟୁକ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ପରେ ମେୟର ତଥା ସଭାପତି ବୈଠକରେ ଉପସ୍ଥିତ ଥିବା ଡ଼େପୁଟି ମେୟର, କମିଶନର, ସମସ୍ତ କର୍ପୋରେଟର ତଥା ଅଧିକାରୀଙ୍କୁ ସ୍ୱାଗତ କରିବା ସହ କଟକ ସହରରେ ବର୍ଯ୍ୟବସ୍ତୁ ପରିଚାଳନା ଟେଣ୍ଡର ସମ୍ବନ୍ଧରେ ଆଲୋଚନା କରାଯିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

ଶ୍ରୀଯୁକ୍ତ ବିକାଶ ଚନ୍ଦ୍ର ମହାପାତ୍ର, ଆୟୁକ୍ତ ବର୍ଯ୍ୟବସ୍ତୁ ପରିଚାଳନା ଟେଣ୍ଡର ସମ୍ବନ୍ଧରେ କହିଥିଲେ ବରିଷ୍ଠ ଆଇନଙ୍କ ଏବଂ ନିଗମର ସହକାରୀ ଆଇନ ଅଧିକାରୀଙ୍କ ମତାମତ ଅନୁଯାୟୀ ୩ଗୋଟି ସଂସ୍ଥା ଟେଣ୍ଡର ପ୍ରକ୍ରିୟାରେ ଅଂଶ ଗ୍ରହଣ କରିଥିଲେ । ଟେଣ୍ଡରରେ ଥିବା ସର୍ତ୍ତାବଳୀ ଅନୁଯାୟୀ ଜାଗୃତି ସଂସ୍ଥା ଏହାକୁ Fulfill କରୁନଥିବାରୁ ଏହି ଟେଣ୍ଡର ପକ୍ରିୟାରେ ଉକ୍ତ ସଂସ୍ଥାକୁ ବାଦ ଦିଆଯାଇଛି । ଅବଶିଷ୍ଟ ୨ଗୋଟି ସଂସ୍ଥା ମଧ୍ୟରୁ Financial Bid ତଥ୍ୟ ଅନୁଯାୟୀ Lowest Bidder ଭାବେ Metro Waste Handling Company କୁ ଚୟନ କରାଯାଇଥିଲା । ତେଣୁ ବରିଷ୍ଠ ଆଇନଙ୍କ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ମତାମତ ଅନୁଯାୟୀ ଉକ୍ତ ଟେଣ୍ଡର ଠିକ୍ ଥିବାରୁ ମତବ୍ୟକ୍ତ କରିଥିଲେ । ଉକ୍ତ ଟେଣ୍ଡର ମାନ୍ୟବର ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ Financial Turnoverକୁ ୨୫ କୋଟି ୫୦ଲକ୍ଷ ଟଙ୍କା ଟେଣ୍ଡରକୁ ନିଆଯିବ । ସେହି ଅନୁଯାୟୀ ୧ ଶହ ୪୭ କୋଟି

୨୬ଲକ୍ଷ ଟଙ୍କା ବିନିମୟରେ ୫ବର୍ଷ ନିମନ୍ତେ ଅଟକଳ କରାଯାଇଛି । ଉକ୍ତ ଟେଣ୍ଡର ବିଷୟରେ ସମସ୍ତ ତଥ୍ୟର Clarification ସମସ୍ତ କର୍ପୋରେଟର ଏବଂ ମାନ୍ୟବର ଲୋକସଭା ସାଂସଦ ତଥା ବିଧାୟକଙ୍କ ପ୍ରତିନିଧିମାନଙ୍କୁ ପ୍ରଦାନ କରାଯାଇଅଛି । ସ୍ୱଚ୍ଛ ଭାରତ ମିଶନ Guideline ଅନୁଯାୟୀ ଘରକୁ ଘର ଅଳିଳା ସଂଗ୍ରହଣ କରାଯିବା ସହିତ ପ୍ରତ୍ୟେକ ଲୋକ ପିଛା ୩ଶହ ଗ୍ରାମ ଅଳିଆ ସଂଗ୍ରହ କରାଯିବ । ଉକ୍ତ ଟେଣ୍ଡର ବାବଦରେ ୨ଗୋଟି ସଂସ୍ଥା ଆମକୁ ଚ୍ୟାଲେଂଜ କରିଥିଲେ । ଏଥିରେ ଜାଗୃତି ଅର୍ଗାନାଇଜେସନ ମଧ୍ୟ ନିଗମକୁ ପ୍ରଶ୍ନ କରିଥିଲା । Guideline ଅନୁଯାୟୀ ଯେଉଁ ଠିକାଦାର ମାନେ କାର୍ଯ୍ୟ କରିଛନ୍ତି ସେଥିରେ ଜାଗୃତି ଅର୍ଗାନାଇଜେସନ ୨ଗୋଟି କାର୍ଯ୍ୟ କରିଛି । ଭୁବନେଶ୍ୱର ମହାନଗର ନିଗମର ତଥ୍ୟ ମଗାଯାଇଛି । ଜାଗୃତି ସଂସ୍ଥା ନାମରେ ପୂର୍ବରୁ ଅଭିଯୋଗ ଥିଲା । ତେଣୁ ୨୫.୫୪ ହାରରେ ବରିଷ୍ଠ ଆଇନଜୀବୀଙ୍କ ମତ ଅନୁଯାୟୀ ଅନୁମୋଦନ କରାଗଲା । ତେଣୁ କାଉନସିଲରେ ବାର୍ଷିକ ଟେଣ୍ଡର ଅନୁସାରେ କାଉନସିଲ ଅନୁମୋଦନରେ ନିଆଯାଇଛି ।

ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ, କର୍ପୋରେଟର, ୱାର୍ଡ଼ ନଂ-୧୮, ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ ଗତ କାଉନସିଲ ବୈଠକର ନିଷ୍ପତି ଅନୁଯାୟୀ କେଉଁ ବରିଷ୍ଠ ଆଇନଜୀବୀଙ୍କ ସହ ଆଲୋଚନା କରାଯାଇ ଗୃହରେ ଭୁଲ ତଥ୍ୟ ପ୍ରଦାନ କରାଯାଉଅଛି । ଭୁବନେଶ୍ୱର ମହାନଗର ନିଗମ ୩/୪ ଗୋଟି ସଂସ୍ଥାକୁ ୱାର୍ଡ଼ ବଣ୍ଟନ କରି ସଫେଇ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରିଥିବା ବେଳେ କଟକରେ କାହିଁକି ଗୋଟିଏ ସଂସ୍ଥାକୁ ଅନୁକମ୍ପା ପ୍ରଦାନ କରାଯାଉଅଛି । ଭୁବନେଶ୍ୱର ମହାନଗର ନିଗମରେ ସ୍ୱଚ୍ଛ ଭାରତ ମିଶନ **Guideline** ଅନୁଯାୟୀ ଅଧାରୁ କମ୍ ଦରରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବା ବେଳେ କଟକରେ କାହିଁକି ୩ଗୁଣା ଅଧିକ ଦରରେ ଦିଲ୍ଲିର ମେଟ୍ରୋ ସଂସ୍ଥାକୁ କାହା ନିର୍ଦ୍ଦେଶରେ ଚୟନ କରାଯାଇଛି ଏଥିରୁ ଟେଣ୍ଡର ଫିକ୍ସିଂ ହୋଇଥିବା ସ୍ପଷ୍ଟ ଜଣାପଡୁଛି । ଉକ୍ତ ଟେଣ୍ଡରକୁ ପାରିତ କରାଯାଇପାରିବ ନାହିଁ । ଏହାପରେ ଶ୍ରୀ ସେଠୀ, ଗିରିବାଳା ବେହେରା, ଗୌରୀ ଦାସ, ନମିତା ମଂଜରୀ ସାହୁ, ଚାରୁଲତା ସାହୁ, ସେକ୍ ସମିମ ଉଲ୍ଲା ଏବଂ ଦିପାଳୀବାଳା ଭୂୟାଁ ଗୃହର ମଧ୍ୟଭାଗକୁ ଆସି ନାରାବାଜି ଦେବା ସହିତ ବର୍ଜ୍ୟବସ୍ତୁ ପରିଚାଳନା ଟେଣ୍ଡରକୁ ନାକଚ କରାଯାଉ ବୋଲି ସ୍ଲୋଗାନ ଦେବା ସହ ପରେ ପରେ ବୈଠକକୁ ପରିତ୍ୟାଗ କରି ଚାଲିଯାଇଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ବିଜୟ କୁମାର ସାହୁ, କର୍ପୋରେଟର, ୱାର୍ଡ଼ ନଂ-୩୧, ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଏହି ଟେଣ୍ଡର ପକ୍ରିୟାରେ ଯାହାର ଯାହା ଅଭିଯୋଗ ଅଛି ନିଜ ନିଜ ଚେୟାରରେ ବସି ଅଭିଯୋଗ କରନ୍ତୁ କିନ୍ତୁ ଗୃହର ମଧ୍ୟଭାଗକୁ ଆସି ବିଶୃଙ୍ଖଳା ସୃଷ୍ଟି କରନ୍ତୁ ନାହିଁ, ଏହାକୁ ଦୃଢ ଭାବେ ନିନ୍ଦା କରିଥିଲେ । ଏହାକୁ ସମର୍ଥନ କରି ସଦସ୍ୟ ଶ୍ରୀଯୁକ୍ତ ରଂଜନ କୁମାର ବିଶ୍ୱାଳ, ରମଜାନ ଖାନ, ଜୟଦେବ ଜେନା, ଚିରଂଜୟ ସାହୁ, ବିକାଶ ରଂଜନ ବେହେରା ନିନ୍ଦା କରିବା ସହିତ ଗୃହକୁ ସୁଚାରରୂପେ ଚଳାଇବା ପାଇଁ ନିବେଦନ କରିଥିଲେ । ପରେ ଶ୍ରୀ ସାହୁ କହିଥିଲେ କଟକ ସହରର ପରିମଳ ଅବସ୍ଥା ଯାହା ତାହାକୁ ଆଉ ବିଳମ୍ବ କରାନଯାଇ ଟେଣ୍ଡରକୁ ପାରିତ କରାଯାଉ ଏବଂ କୌଣସି ଆଳ ନଦେଖାଇ ଟେଣ୍ଡରକୁ ସ୍ଥଗିତ ରଖାନଯାଉ । କଟକ ସହରର ଅବସ୍ଥା ଯାହା ଲୋକମାନେ ଆମକୁ କ୍ଷମା କରିବେ ନାହିଁ ।

ସଦସ୍ୟ ଶ୍ରୀଯୁକ୍ତ ଚିରଂଜୟ ସାହୁ, ଅଧକ୍ଷ, ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି, ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ବର୍ଯ୍ୟବସ୍ତୁ ପରିଚାଳନା ଟେଣ୍ଡରକୁ **Guideline** ଅନୁଯାୟୀ ପାରିତ କରାଯାଉ ଏବଂ କଟକ ହରର ପରିମଳ ବ୍ୟାବସ୍ଥାକୁ ସୁଧାରିବା ନିମନ୍ତେ ଯଥାଶିଘ୍ର କାର୍ଯ୍ୟ କରାଯାଉ

। ବର୍ତ୍ତମାନ ସହରରେ ଯେଉଁ ଅବସ୍ଥା ତାହାର ଉନ୍ନତିକରଣ ପାଇଁ ଯଥାଶିଘ୍ର ଟେଣ୍ଡରକୁ ପାରିତ କରାଯାଇ ସଫେଇ କାର୍ଯ୍ୟକ୍ରମ ଆରମ୍ଭ କରାଯିବାକୁ ମତବ୍ୟକ୍ତ କରିଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ବିକାଶ ରଂଜନ ବେହେରା, ଅଧ୍ୟକ୍ଷ, ଲାଇସେନ୍ସ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟି, ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ଟେଣ୍ଡର କଲ ନୋଟିସ ନଂ-୧୬୭୩/ସିଏଚଓ, ତା ୦୧.୦୯.୨୦୧୭ ଅନୁଯାୟୀ ୧ ଶହ ୪୭ କୋଟି ୨୬ଲକ୍ଷ ଟଙ୍କା ବିନିମୟରେ ୫ବର୍ଷ ନିମନ୍ତେ ଅଟ୍ଟକଳ କରାଯାଇଛି । ତେଣୁ ଉକ୍ତ ଅଟ୍ଟକଳ ଅନୁଯାୟୀ ପ୍ରତି ଟନ୍ ପିଛା ଟ. ୩୫୭୦ ଟଙ୍କା ଥିବା ବେଳେ କିଭଳି Metro Waste Handling Company କୁ ଟନ୍ ପିଛା ଟ. ୬୩୦୯/- ଟଙ୍କା ଦରରେ କଟକ ମହାନଗର ନିଗମ କର୍ତ୍ତୃପକ୍ଷ ଦେବାକୁ ସମ୍ମତି ପ୍ରଦାନ କରିଛନ୍ତି । ନିଗମର ବର୍ଯ୍ୟବସ୍ତୁ ଟେଣ୍ଡରରେ ୫ ବର୍ଷ ନିମନ୍ତେ ୧ ଶହ ୪୭ କୋଟି ୨୬ଲକ୍ଷ ଟଙ୍କା ବ୍ୟୟ ବରାଦ କରିଥିବା ବେଳେ Metro Waste Handling Company କୁ ଟ ୬୩୦୯/-ଙ୍କାରେ ଯଦି ଟେଣ୍ଡର ପ୍ରଦାନ କରାଯାଏ ତେବେ ଅତିରିକ୍ତ ୮୦ କୋଟି ଟଙ୍କାର ଅତିରିକ୍ତ ବଜେଟ କେଉଁଠାରୁ ଆଣି ଭରଣା କରାଯିବ ଏବଂ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ନିଗମ ବାର୍ଷିକ Turnover ଟ. ୨୫.୫୦ କୋଟି ଟଙ୍କା ନିର୍ଦ୍ଧାରଣ କରିଥିବା ସ୍ଥଳେ Tender Condition କୁ Deviation କରି କିଭଳି ଭାବେ ଟ. ୨୯.୪୪ କୋଟି ଟଙ୍କାର ଟେଣ୍ଡର ଗତ ତା ୨୧.୧୧.୨୦୧୭ରିଖ କଣ୍ଟ୍ରାକ୍ଟ ଷ୍ଟାଣ୍ଡିଙ୍ଗ କମିଟିରେ କିଭଳି ଭାବେ ପାରିତ କରାଯାଇଛି । ଏହି ସର୍ତ୍ତ ଅନୁସାରେ ୨ଗୋଟି ସମ୍ପୂର୍ଣ୍ଣ ହୋଇଥିବା ସମାନ କାର୍ଯ୍ୟରେ ଅଟ୍ଟକଳ ମୁଲ୍ୟର ୫୦ ପ୍ରତିଶତ ଠାରୁ କମ୍ ହେବ ନାହିଁ । ନିଗମ ଦ୍ୱାରା ପ୍ରଦତ ଅଟ୍ଟକଳ ମୁଲ୍ୟ ୧ ଶହ ୪୭ କୋଟି ୨୬ଲକ୍ଷ ଟଙ୍କା ବିନିମୟରେ ୫ବର୍ଷ ନିମନ୍ତେ ଧାର୍ଯ୍ୟ କରାଯାଇଛି ଅର୍ଥାତ ଏକ ବର୍ଷ ପାଇଁ ହାର ମୁଲ୍ୟ ୧୪୭.୨୯/୫ =୨୯.୪୫ କୋଟି ଟଙ୍କା ହେବା ଉଚିତ୍ । ଉପରୋକ୍ତ ସର୍ତ୍ତ ଅନୁଯାୟୀ ୨ଗୋଟି କାର୍ଯ୍ୟର ମୂଲ୍ୟ ଅଟ୍ଟକଳ ହୋଇଥିବା ମୂଲ୍ୟର ୫୦ ପ୍ରତିଶତ ହୋଇଥିବା ଦରକାର । ଅତଏବ ଏକ ବର୍ଷର ଅଟ୍ଟକଳ ମୂଲ୍ୟ ଟ ୨୯.୪୫ କୋଟି ଯଙ୍କାର ୫୦ ପ୍ରତିଶତ ଯାହା ୨୯.୪୫/୨ = ୧୪.୭୨ କୋଟି ଟଙ୍କା ହେବା କଥା । ଯାହାକି ଆମ୍ଭର ଅଭିଜ୍ଞତାର ବାର୍ଷିକ ମୂଲ୍ୟ ୨ଟି କାର୍ଯ୍ୟ ପାଇଁ ୨୬.୯୯ କୋଟି ଟଙ୍କା ଅଛି ବୋଲି କଣ୍ଟ୍ରାକ୍ଟ ଷ୍ଟାଣ୍ଡିଙ୍ଗ କମିଟି ବିବରଣୀରେ ଦର୍ଶାଯାଇଛି । ତେଣୁ ଏହି ପ୍ରସଙ୍ଗରେ ଯୋଗ୍ୟତା ଭିତିକ ମାନଦଣ୍ଡର ମୂଲ୍ୟାୟନରେ ଆମ୍ଭେ ସର୍ତ୍ତପୁରଣ କରିପାରିଅଛୁ । କିନ୍ତୁ ଚଂଚକତା ଉପାୟରେ ୨ଗୋଟି କାର୍ଯ୍ୟପଇଁ ଅଭିଜ୍ଞତାର ମୂଲ୍ୟକୁ ୨ଗୁଣ ଦର୍ଶାଯାଇ ଟ ୨୯.୪୫ କୋଟି ଟଙ୍କା କରାଯାଇ ଉକ୍ତ ଟେଣ୍ଡର ପକ୍ରିୟାରୁ ବାଦ ଦେବା ପାଇଁ ଉଦ୍ଦେଶ୍ୟମୂଳକ ଭାବେ ଯୋଜନା କରାଯାଇଛି । ପ୍ରକାଶ ଥାଉକି ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ Financial Turnover କୁ ବାର୍ଷିକ ହାରାହାରି ମୂଲ୍ୟ ୩୦ କୋଟି ଟଙ୍କାରୁ ୨୫.୫ କୋଟି ଟଙ୍କା ହ୍ରାସ କରାଯାଇଅଛି । ସର୍ତ୍ତ ନଂ ୪.୨(କ) ଏହି କ୍ରମରେ ଯଦି ନିଗମ କର୍ତ୍ତୃପକ୍ଷଙ୍କ ଭୁଲ ବାଖ୍ୟାକୁ ସ୍ୱିକାର କରି ଅଭିଜ୍ଞତା ମୂଲ୍ୟ ୨୯.୪୫ କୋଟି ଟଙ୍କା ହିସାବକୁ ନିଆଯାଏ ତେବେ ଏହା ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ସ୍ଥିର କରାଯାଇଥିବା Financial Turnover କୁ ୨୫.୫ କୋଟି ଟଙ୍କାର ବିରାଧାକ୍ତି ହେଉଅଛି । କାରଣ ଯଦି ଗୋଟିଏ ସଂସ୍ଥାର Financial Turnover ୨୫.୦୫ କୋଟି ଟଙ୍କା ହୁଏ ତେବେ ଉକ୍ତ ସଂସ୍ଥାର ଅଭିଜ୍ଞତା ମୂଲ୍ୟ ମଧ୍ୟ ନିର୍ଭୂଲ ଭାବେ ଉକ୍ତ ଟଙ୍କା ରହିବ ତେବେ ଏହି ୨ କେଉଁଠାରୁ ଆସିଛି ବୋଲି କମିଶନରଙ୍କ ଠାରୁ ସ୍ପଷ୍ଟି କରଣ ଚାହିଁଥିଲେ ।

ଶ୍ରୀଯୁକ୍ତ ହୃଷିକେଶ ପ୍ରଧାନ, କର୍ପୋରେଟର, ୱାର୍ଡ଼ ନଂ-୫୨, ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, କଟକ ସହରକୁ କିଭଳି ଭାବେ ପରିଷ୍କାର ପରିଛନ୍ନ ରଖିବା ସେ ବିଷୟରେ ସମସ୍ତେ

ଚିନ୍ତା କରିବା ଆବଶ୍ୟକ । କଟକ ସହର ବିଭିନ୍ନ ୱାର୍ଡ଼ରେ କୁଢ କୁଢ ଅଳିଆ ପଡ଼ିରହୁଛି ଏବଂ ନାଳ ନର୍ଦ୍ଦମା ସଫେଇ ହୋଇପାରୁନାହିଁ । ମଶାର ପାର୍ଦୁଭାବ ବଢି ଚାଲିଥିବା ବେଳେ ବର୍ଯ୍ୟବସ୍ତୁ ଟେଣ୍ଡର ବିଷୟରେ ତୁମ୍ବି ତୋଫାନ ଚାଲିଛି । ଜାଗୃତି କଥା କର୍ପୋରେଟର ଏବଂ ଆୟୁକ୍ତ କହିଚାଲିଛନ୍ତି । ଯେଉଁ ସଂସ୍ଥା Qualify ହେଲାନାହିଁ ସେ ସମ୍ପର୍କରେ କାହିଁକି ଆଲୋଚନା କରାଯାଉଛି । ତେଣୁ ଯଥାଶିଘ୍ର Tender Final କରାଯାଇ ୱାର୍ଡ଼ରେ ତୁରନ୍ତ କାର୍ଯ୍ୟ ଆରମ୍ଭ କରାଯିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ଧର୍ମାନନ୍ଦ ପାତ୍ର, କର୍ପୋରେଟର, ୱାର୍ଡ଼ ନଂ-୫୨, ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, ହଜାର ବର୍ଷର କଟକ ସହର ଗଳି କନ୍ଦିରେ ପରିପୁର୍ଣ୍ଣ ତେଣୁ କଟକ ସହର ଅବସ୍ଥାରେ କିଭଳି ସୁଧାର ଅଣାଯାଇପାରିବ ଏବଂ ଗଳି କନ୍ଦିରେ କୁଢ କୁଢ ଅଳିଆ, ଆବର୍ଜନା ପଡ଼ିରହିଛି । ସେ ଗୁଡ଼ିକ କିଭଳି ସଠିକ ସଫେଇ କରାଯାଇପାରିବ, ସେ ଦିଗରେ ଅବଗତ କରାଯାଉ ଏବଂ ଆଇନ ଅନୁସାରେ ଉକ୍ତ ଟେଣ୍ଡର ପାରିତ କରାଯିବା ସହ ସହରର ପରିମଳ ବ୍ୟବସ୍ଥାକୁ ସୁଧାରିବା ନିମନ୍ତେ ମତବ୍ୟକ୍ତ କରିଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ଚୌଧୁରୀ ସୁବ୍ରତ ଘଡ଼ାଇ, ମାନ୍ୟବର ଚୌଦ୍ୱାର କଟକ ବିଧାୟକଙ୍କ ପ୍ରତିନିଧି ଆଲୋଚନାରେ ଅଂଶ ଗ୍ରହଣ କରି କହିଥିଲେ, କଟକ ସହରର ପରିମଳ ବ୍ୟବସ୍ଥା ଏକ ମୌଳିକ ସମସ୍ୟା ହୋଇଥିବାରୁ, କଟକ ସହରବାସିଙ୍କୁ ବିଭଳି ଭାବେ ମୌଳିକ ସୁବିଧା ଯୋଗାଇ ଦିଆଯାଇପାରିବ ସେ ଦିଗରେ ସମସ୍ତେ ମିଳି ମିଶି କାର୍ଯ୍ୟ କରିବା ଆବଶ୍ୟକ । ତେଣୁ ଅନେକ ଆଲୋଚନା ପର୍ଯ୍ୟାଲୋଚନା ନକରାଯାଇ ବର୍ଜ୍ୟବସ୍ତୁ ପରିଚାଳନା ଟେଣ୍ଡରକୁ ପାରିତ କରାଯାଇ ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଯିବାକୁ ପ୍ରସ୍ତାବ ଦେଇଥିଲେ ।

ବର୍ଯ୍ୟବସ୍ତୁ ପରିଚାଳନା ଟେଣ୍ଡର ବିଷୟରେ ଗୃହରେ ବହୁ ଆଲୋଚନା ପର୍ଯ୍ୟାଲୋଚନା କରାଯାଇ ସର୍ବ ସମ୍ମତି ପ୍ରସ୍ତାବ ଅନୁଯାୟୀ ବର୍ଯ୍ୟବସ୍ତୁ ପରିଚାଳନା ଟେଣ୍ଡରକୁ ପାରିତ କରାଗଲା ଏବଂ ଉକ୍ତ ଟେଣ୍ଡରକୁ ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ସୁପାରିଶ କରାଗଲା ।

**ଏହା ପରେ ବୈଠକର ଉପରୋକ୍ତ ଆଲୋଚନା ଅନୁଯାୟୀ ନମ୍ନଲିଖିତ ନିଷ୍ପତି ଗୁଡ଼ିକ ସର୍ବସମତି କ୍ରମେ ପାରିତ କରାଗଲା ।**

୧. ଗତ କାଉନସିଲ ବୈଠକର ନିଷ୍ପତି ଅନୁଯାୟୀ ବର୍ଯ୍ୟବସ୍ତୁ ପରିଚାଳନା (Integrated Municipal Solid Waste Management Project of CMC) ଟେଣ୍ଡରରେ କଣ୍ଷ୍ଟ୍ରାକ୍ଟ ଷ୍ଟାଣ୍ଡିଙ୍ଗ କମିଟି ତଥା ଇଭାଲୁଏସେନ କମିଟି ନେଇଥିବା ନିଷ୍ପତି ବିଷୟରେ ମାନ୍ୟବର ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀଙ୍କ ମତାମତ ପଢି ଶୁଣାଇଥିଲେ ଓ ଟେଣ୍ଡରର ସମସ୍ତ ନିୟମ ତଥା ବର୍ଯ୍ୟବସ୍ତୁ ପରିଚାଳନା କାର୍ଯ୍ୟ ପରିସର ବିଷୟରେ ସମସ୍ତ କର୍ପୋରେଟରଙ୍କ ଅବଗତି ନିମନ୍ତେ ଜଣାଇଥିଲେ ।

କଟକ ମହାନଗର ନିଗମର ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ନୋଟିସ 1673/CHO Dt.01.09.2017 ରିଖରେ ଡକାଯାଇଥିବା ବର୍ଜ୍ୟବସ୍ତୁ ପରିଚାଳନା (Integrated Municipal Solid Waste Management Project of CMC) ଟେଣ୍ଡରରେ ଆସିଥିବା ତିନିଗୋଟି ଟେଣ୍ଡର ଡକୁମେଣ୍ଟକୁ ଆଜିର ସ୍ୱତନ୍ତ୍ର କାଉସିଲ୍ ବୈଠକରେ ପୁଂଖାନୁପୁଙ୍ଖ ଭାବରେ ଆଲୋଚନା କରାଯାଇଥିଲା । କଣ୍ଷ୍ଟ୍ରାକ୍ଟ ଷ୍ଟାଣ୍ଡିଙ୍ଗ କମିଟିର ନିଷ୍ପତି, ଇଭାଲୁସେନ କମିଟିର ନିଷ୍ପତି ଓ ବରିଷ୍ଠ ଆଇନଜୀବୀ ଙ୍କ ମତାମତ ଅନୁଯାୟୀ M/s Jagruti Welfre Organization ଟେଣ୍ଡର ପକ୍ରିୟାରେ ଥିବା ଯୋଗ୍ୟ ବିବେଚିତ ହେବା ନିୟମ ୪.୧.୧(ବି) ଓ ୪.୩(ଡି) ପୂରଣ

କରୁନଥିବାରୁ M/s Jagruti Welfre Organization କୁ ଏହି ଟେଣ୍ଡର ପ୍ରକ୍ରୀୟାରୁ ବାଦ ଦେବାକୁ ସର୍ବ ସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଗଲା ।

ଏହି ଟେଣ୍ଡର ପକ୍ରିୟାରେ ଅନ୍ୟ ଦୁଇଗୋଟି ସଂସ୍ଥା ଯଥା- 1. M/s AG Envior Infra Prjects Pvt Ltd.,FWH-2, 2nd Floor , Pearls Plaza, Block-K24, Sector -18 Nodia-201301, U.P.India, 2-M/s Metro Waste Handling Pvt. Ltd.,8551/2 Roshanara Road Delhi-110007 ଟେଣ୍ଡର ନିୟମ ଅନୁସାରେ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ଦୁଇ ଗୋଟି ସଂସ୍ଥା ମଧ୍ୟରୁ M/s. Metro Waste Handling Pvt. Ltd. ସଂସ୍ଥା ସର୍ବ ନିମ୍ନ ଦର @ 6,309/- per metric ton which is 80.93% Excess over estimated cost towards scope of work, specific task and schedule and works as maintained part-A,B,C&D in DTCN. ଏବଂ 1st Lowest amounting to Rs. 495.00(Rupees four hundred ninety five) only as per One Cubic Meter which is 124.18% Excess over estimated cost towards scope of work, Specific Task & Schedule of works as mentioned Part-E in DTCN) ଆଜିର ବୈଠକରେ ଏହି ଟେଣ୍ଡର ବିଷୟରେ ପୁଂଖାନୁପୁଙ୍ଖ ଭାବରେ ଆଲୋଚନା କରାଯାଇ ସର୍ମସମ୍ମତି କ୍ରମେ M/s. Metro Waste Handling Pvt. Ltd. ସଂସ୍ଥାର ବର୍ଜ୍ୟବସ୍ତୁ ପରିଚାଳନା ନିମିତ ସର୍ବ ନିମ୍ନ ଟେଣ୍ଡର ଦରକୁ ଗ୍ରହଣ କରାଯାଇ ଅନୁମୋଦନ କରାଗଲା ।

M/s. Metro Waste Handling Pvt. Ltd. ସଂସ୍ଥା ନିଗମରେ ପ୍ରଶାସନିକ ମଞ୍ଜୁର ପ୍ରାପ୍ତ ଖର୍ଚ୍ଚ ଅଟକଳ ଦର ଠାରୁ ଅଧିକ ଦର ପ୍ରଦାନ କରିଥିବାରୁ ଗୃହରେ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ନିଷ୍ପତି ଗ୍ରହଣ କରାଗଲା ଯେ ମେୟର, ଡ଼େପୁଟି ମେୟର, ଅଧକ୍ଷ ହେଲଥ ଷ୍ଟାଣ୍ଡିଂ କମିଟି, ଆୟୁକ୍ତ ଓ ନଗର ସ୍ୱାସ୍ଥ୍ୟ ଅଧିକାରୀଙ୍କ ଦ୍ୱାରା ଗଠିତ କମିଟି ସହିତ ମୂଲଚାଲ (**Negotiation**) କରି ସର୍ମନିମ୍ନ ଦର କୁ ସରକାରଙ୍କ ଅନୁମୋଦନ ପାଇଁ ଯଥାଶିଘ୍ର ପଠାଇବା ନିମନ୍ତେ ସର୍ବ ସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଗଲା ।

ଏହି ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ହେବାକୁଥିବା ସମସ୍ତ ଅର୍ଥ ସରକାରଙ୍କ ନୀୟମ ଅନୁଯାୟୀ ଉଦ୍ଧିଷ୍ଟ ଅନୁଦାନରୁ ଭରଣା କରାଯିବା ନିମନ୍ତେ ନିଷ୍ପତି ଗ୍ରହଣ କରାଗଲା ।

ସର୍ବଶେଷରେ ଉପସ୍ଥିତ ସଦସ୍ୟ / ସଦସ୍ୟାମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ମାନ୍ୟବର ଡେପୁଟି ମେୟର ଶ୍ରୀଯୁକ୍ତ ଅଜୟ କୁମାର ବାରିକ ଧନ୍ୟବାଦ ଜ୍ଞାପନ କରିବା ପରେ ସଭା ସାଙ୍ଗ କରାଯାଇଥିଲା ।

ମୀନାକ୍ଷୀ ବେହେରା)
ମେୟର
କଟକ ମହାନଗର ନିଗମ

ଜ୍ଞାପକ ସଂ . . . . . . . . . . . . . . ତା . . . . . . . . . . . . . . . . . .

ଏହାର ଏକ କିତା ନକଲ ନିର୍ଦ୍ଦେଶକ, ପୌର ପ୍ରଶାସନ ଏବଂ ପଦ ପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ଭୂବନେଶ୍ୱର / ସଚୀବ, ରାଜସ୍ୱ କମିଶନର (କେନ୍ଦ୍ରାଂଚଳ), କଟକ / ଜିଲ୍ଲାପାଳ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ କଟକ ମହାନଗର ନିଗମର ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ କମିଶନର / ଅତିରିକ୍ତ କମିଶନର-୧ / ଅତିରିକ୍ତ କମିଶନର-୨ / ଡ଼େପୁଟି କମିଶନର-୧,୨ / ଡ଼େପୁଟି କମିଶନର-୩ ଓ ୪ / ନଗର ଯନ୍ତ୍ରୀ / ନିର୍ବାହୀ ଯନ୍ତ୍ରୀ (୧ ଓ ୨) / ବିତ ଅଧିକାରୀ / ସଚିବ / ରିକଭରୀ ଅଫିସର / ନଗର ସ୍ୱାସ୍ଥ୍ୟ ଅଧିକାରୀ / ଉପ ନିର୍ବାହୀ ଯନ୍ତ୍ରୀ ସମସ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ /ସମସ୍ତ ସହକାରୀ ଯନ୍ତ୍ରୀ / ସମସ୍ତ କନିଷ୍ଠ ଯନ୍ତ୍ରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ ଡ଼େପୁଟି ମେୟର / ମେୟରଙ୍କ ସହାୟକ ଏବଂ ନିଗମର ସମସ୍ତ ବିଭାଗୀୟ ମୁଖ୍ୟ ସହାୟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ .............. ତା ..................

ଏହାର ଏକ କିତା ନକଲ ନିଗମର ୱେବ ସାଇଟରେ ଛଡ଼ାଯିବାକୁ ଏମ୍ ଆଇଏସ୍ ସେଲ କୁ ପ୍ରଦାନ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ